# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 September – 2026

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ସୁଶାସନର ୨୫ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଆଜିଠାରୁ ଆରମ୍ଭ ହୋଇଛି 'ସେବା ସଂକଳ୍ପ ଅଭିଯାନ' ।

– ପ୍ରଧାନମନ୍ତ୍ରୀଙ୍କ ନିରବଚ୍ଛିନ୍ନ ସେବା ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିଛି, କହିଲେ ମୁଖ୍ୟମନ୍ତ୍ରୀ

– ଘରେ ଘରେ ଆଶୀର୍ବାଦର ଦୀପ ଜାଳିବାକୁ ଜନସାଧାରଣଙ୍କୁ କଲେ ନିବେଦନ

- ଦେଶରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ନବସୃଜନ, ନିବେଶ ଓ ଅଭିବୃଦ୍ଧି ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିଛି, କହିଲେ ପ୍ରଧାନମନ୍ତ୍ରୀ

- ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକରେ ଭକ୍ତି ଓ ଉତ୍ସାହର ସହ ପାଳନ କରାଯାଉଛି ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା

ଏବଂ

● ଆସନ୍ତା ଶନିବାର ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନା, ପ୍ରଭାବରେ ୨୦ଟି ଜିଲ୍ଲାରେ ପ୍ରବଳ ବର୍ଷା

## ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦ ବର୍ଷର ନିରବଚ୍ଛିନ୍ନ ସେବା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷର ନେତୃତ୍ୱ ସମଗ୍ର ଦେଶକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ରଭାବେ ଗଢ଼ିତୋଳିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଯାତ୍ରାକୁ ସମ୍ମାନ ଜଣାଇ ଦେଶରେ ଆଜିଠାରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି । ଶ୍ରୀ ମୋଦୀଙ୍କ ଏହି ଯାତ୍ରା 'ଜନସେବାରୁ ଦେଶସେବାର ମନ୍ତ୍ର' ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସରକାର ଅନବରତ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶୀର୍ବାଦର ଦୀପ ଜାଳିବାକୁ ଜନସାଧାରଣଙ୍କୁ ଅହ୍ୱାନ ଜଣାଇଛନ୍ତି । ଭୁବନେଶ୍ୱର ଗୁପ୍ତେଶ୍ୱର ମନ୍ଦିରରେ ଆଜି ସନ୍ଧ୍ୟାରେ ଦୀପଦାନ କରାଯିବ। ଦେଶବ୍ୟାପୀ ମଧ୍ୟ ଆଜି ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୬ ଆରମ୍ଭ ହୋଇଛି ।

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଲୁଣିଆ ଶହୀଦନଗର ଠାରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ

ଦେଇଛନ୍ତି । ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଶୀର୍ବାଦ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହି ଉପଲକ୍ଷେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାରାରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ସେବା ସଂକଳ୍ପ ଅଭିଯାନ ଆରମ୍ଭ କ୍ରମରେ ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ବୌଦ୍ଧ ଜିଲ୍ଲାରେ ଏହି ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଉପଲକ୍ଷେ  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ୨୫ ବର୍ଷର ସୁଶାସନ ଦେଶରେ ନୂଆ କୀର୍ତ୍ତିମାନ ସ୍ଥାପନ ହୋଇଛି । ଶ୍ରୀ ମୋଦୀ ଅନ୍ତର୍ଭୁକ୍ତୀମୂଳକ ବିକାଶ ପାଇଁ ଅଭୂତପୂର୍ବ ଗତି ଏବଂ ଦେଶର ଭବିଷ୍ୟତକୁ ନୂତନ ଦିଗ ପ୍ରଦାନ କରିଛନ୍ତି ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିସଂପନ୍ନ ଅର୍ଥନୀତିରେ ପରିଣତ ହୋଇଛି । ୨୫ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ଦାରିଦ୍ର୍ୟ ସୀମାରେଖାରୁ ବାହାରିଛନ୍ତି । ବୈଷୟିକ କ୍ଷେତ୍ର, ମହାକାଶ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ବିପ୍ଲବ ଲକ୍ଷଲକ୍ଷ ଲୋକଙ୍କୁ ସ୍ୱାବଲମ୍ବୀ କରାଇଛି ବୋଲି ଉପରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଧାନମନ୍ତ୍ରୀ 'ରାଷ୍ଟ୍ର ପ୍ରଥମ' ସଂକଳ୍ପ ସହିତ ୧୪୦ କୋଟି ଦେଶବାସୀଙ୍କ ସେବା, ସୁଶାସନ ଓ ଜନକଲ୍ୟାଣକୁ ପ୍ରାଧାନ୍ୟ ଦେଉଛନ୍ତି । ତାଙ୍କ ନେତୃତ୍ୱ ଭାରତ ବିକାଶ ଓ ଆତ୍ମନିର୍ଭରଶୀଳତାର ନୂଆ ମାନଦଣ୍ଡ ସ୍ଥାପନ କରୁଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଆଜି ସମଗ୍ର ଦେଶରେ ନବଜାଗରଣର ନୂତନ ଅଧ୍ୟାୟ ରଚନା କରିଛି । ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ତାଙ୍କ ଅସୀମ ସହଯୋଗ ନିମନ୍ତେ ସର୍ବଦା କୃତଜ୍ଞ ବୋଲି ଶ୍ରୀ ମାଝୀ କହିଛନ୍ତି ।

# ମୁଖ୍ୟମନ୍ତ୍ରୀ–ସେବା ସଂକଳ୍ପ ଅଭିଯାନ

ଯୁବବର୍ଗଙ୍କୁ ବ୍ୟାପକ ଭାବେ ସମାଜସେବା ଓ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ସେବା ସଂକଳ୍ପ ଅଭିଯାନ ଅବସରରେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମେଗା ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ନିରବଛିନ୍ନ ସେବା ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିଛି । ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିଠାରୁ ଆରମ୍ଭ ହୋଇଥିବା ଏକମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ମାନବ ସେବା ଓ ତ୍ୟାଗର ଏକ ବିରାଟ ଜନଆନ୍ଦୋଳନ । ରାଜ୍ୟ ସରକାର ଅଟଳ ରକ୍ତଦାନ ଅଭିଯାନ ପାଇଁ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଏହା ଅଧୀନରେ ନୂତନ ମେଡ଼ିକାଲ କଲେଜଗୁଡ଼ିକରେ ରକ୍ତଭଣ୍ଡାର ସ୍ଥାପନ ଓ ପୁରୁଣା ରକ୍ତଭଣ୍ଡାର ଗୁଡ଼ିକର ଆଧୁନିକୀକରଣ କରାଯାଉଛି । ଆଜିର ଏହି ଶିବିରରେ ୬ ହଜାର ୫୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି । ପ୍ରତିରକ୍ଷା ଆମଦାନୀ ୭୦ ପ୍ରତିଶତରୁ ହ୍ରାସ ପାଇ ୩୫ ପ୍ରତିଶତରେ ପହଞ୍ଚିବା ସହ ସେମିକଣ୍ଡକ୍ଟର ଓ ମହାକାଶ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି ।

ଭୁବନେଶ୍ୱରଠାରେ 'ସେବାରେ ମୋର ଯୋଗଦାନ' କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଚାରା ରୋପଣ କରିଛନ୍ତି । ପ୍ରକୃତି ଓ ସୁରକ୍ଷା ସମାଜର ପ୍ରକୃତ ସେବା । ବିକଶିତ ଭାରତ ୨୦୪୭ର ସଂକଳ୍ପକୁ ସାକାର କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଯୋଗଦାନ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପିଏମ୍-ସେମିକଣ୍ଡକ୍ଟର

ଦେଶର ପ୍ରତ୍ୟେକ ନାଗରିକ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଅଙ୍ଗୀକାରବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଯଶୋଭୂମୀଠାରେ ସେମିକନ ଇଣ୍ଡିଆ

୨୦୨୬ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ ଏହା କହିଛନ୍ତି । ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତ ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ।

**V/O**

ଦେଶର ସେମିକଣ୍ଡକ୍ଟର ଇକୋ ସିଷ୍ଟମ ବ୍ୟାପକ ହେଉଛି ଏବଂ ଏହା ନବସୃଜନ, ନିବେଶ ଓ ଅଭିବୃଦ୍ଧି ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଭାରତକୁ ଏକ ପସନ୍ଦଯୋଗ୍ୟ  ରାଷ୍ଟ୍ରଭାବେ ସ୍ଥାନିତ କରିବା ଲାଗି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତରେ ନିର୍ମିତ ଚିପ୍ସ ଏବେ ଦେଶ ତଥା ବିଦେଶରେ ମଧ୍ୟ ଉପଲବ୍ଧ ହେଉଛି । ଏହି ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତୀୟ କମ୍ପାନୀ ଏବଂ ୫୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଜାପାନ, ଦକ୍ଷିଣକୋରିଆ, ମାଲେସିଆ, ନେଦରଲ୍ୟାଣ୍ଡ୍‌ସ, ସିଙ୍ଗାପୁର ଓ ସ୍ୱିଡେନ୍ ସମେତ ଭାରତର ୧୨ଟି ରାଜ୍ୟର ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି । ସହଯୋଗ, ନିବେଶ, ନବସୃଜନ ଏବଂ ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ତିନିଦିନିଆ ସମ୍ମିଳନୀ ଅନୁଷ୍ଠିତ ହେଉଛି ।

## ମୁଖ୍ୟମନ୍ତ୍ରୀ-ସେମିକଣ୍ଡକ୍ଟର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀ ଗସ୍ତରେ ଯିବେ । ଯଶୋଭୂମିଠାରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୬ର ପଞ୍ଚମ ସଂସ୍କରଣରେ ଶ୍ରୀ ମାଝୀ ଯୋଗଦେବେ ।  ଓଡ଼ିଶାରେ ପୁଞ୍ଜି ନିବେଶ ସଂପର୍କିତ ବିଭିନ୍ନ ବିଷୟ ଉପରେ ୟୁରୋପ, ଜାପାନ, ଦକ୍ଷିଣ କୋରିଆର

ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ । ଓଡ଼ିଶାକୁ ସେମିକଣ୍ଡକ୍ଟର ହବ୍ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଆସନ୍ତାକାଲି ଦିଲ୍ଲୀରେ ଆୟୋଜିତ ଏକ ରୋଡ୍ ଶୋ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ ବୋଲି ଜଣାପଡ଼ିଛି ।

## ବିଶ୍ୱକର୍ମା ପୂଜା

ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି । ଦେବଶିଳ୍ପୀଙ୍କ ପୂଜା ଆଶ୍ୱିନ କନ୍ୟା ସଂକ୍ରାନ୍ତୀରେ ପାଳନ କରାଯାଇଥାଏ । ରାଜ୍ୟର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ସୃଜନ, ନିର୍ମାଣ ଓ କୌଶଳର ଦେବତା ପ୍ରଭୁ ବିଶ୍ୱକର୍ମାଙ୍କ ଅପାର କୃପାରୁ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ପ୍ରଗତି ଭରିଯାଉ । ରାଜ୍ୟର ସମସ୍ତ ଶ୍ରମିକ, କାରିଗର, ନିର୍ମାତା ଓ ଶିଳ୍ପଦ୍ୟୋଗୀ ଭାଇଭଉଣୀଙ୍କ ନିଷ୍ଠା ଓ ପରିଶ୍ରମ ଦ୍ୱାରା ରାଜ୍ୟର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେଉ ବୋଲି କହିଛନ୍ତି ।

କର୍ମଜୀବୀ, ଶ୍ରମିକ, କାରିଗର ଓ ଶିଳ୍ପୀ ସମାଜର ପରିଶ୍ରମ ଏବଂ ସୃଜନଶୀଳତା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ଆହୁରି ଗତିଶୀଳ କରୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

ନୟାଗଡ଼ ଜିଲ୍ଲାର ସଦର ମହକୁମା ସମେତ ୮ଟି ବ୍ଲକର ୧୦୨ଟି ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି ।

## ସୁଭଦ୍ରା ଯୋଜନା

ମହିଳାଙ୍କ ନେତୃତ୍ୱରେ ବିକାଶ ଏବଂ ସମୃଦ୍ଧିର ସଂକଳ୍ପ ନେଇ ରାଜ୍ୟରେ ଲାଗୁ ହୋଇଥିବା ସୁଭଦ୍ରା ଯୋଜନାକୁ ଆଜି ଦୁଇବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି ସଂଧ୍ୟା ୬ଟାରୁ ୭ଟା ମଧ୍ୟରେ ଘରେ ଘରେ ସୁଭଦ୍ରା ଦୀପ ଜାଳିବାକୁ ଆହ୍ୱାନ ଦେଇଛନ୍ତି । ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ୫ଟି କିସ୍ତିରେ ୨୫ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

# ବିଶ୍ୱକର୍ମା ପୂଜା

ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି । ଦେବଶିଳ୍ପୀଙ୍କ ପୂଜା ଆଶ୍ୱିନ କନ୍ୟା

ସଂକ୍ରାନ୍ତୀରେ ପାଳନ କରାଯାଇଥାଏ । ରାଜ୍ୟର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ସୃଜନ, ନିର୍ମାଣ ଓ କୌଶଳର ଦେବତା ପ୍ରଭୁ ବିଶ୍ୱକର୍ମାଙ୍କ ଅପାର କୃପାରୁ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ପ୍ରଗତି ଭରିଯାଉ । ରାଜ୍ୟର ସମସ୍ତ ଶ୍ରମିକ, କାରିଗର, ନିର୍ମାତା ଓ ଶିଳ୍ପଦ୍ୟୋଗୀ ଭାଇଭଉଣୀଙ୍କ ନିଷ୍ଠା ଓ ପରିଶ୍ରମ ଦ୍ୱାରା ରାଜ୍ୟର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେଉ ବୋଲି କହିଛନ୍ତି ।

କର୍ମଜୀବୀ, ଶ୍ରମିକ, କାରିଗର ଓ ଶିଳ୍ପୀ ସମାଜର ପରିଶ୍ରମ ଏବଂ ସୃଜନଶୀଳତା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ଆହୁରି ଗତିଶୀଳ କରୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

ନୟାଗଡ଼ ଜିଲ୍ଲାର ସଦର ମହକୁମା ସମେତ ୮ଟି ବ୍ଲକର ୧୦୨ଟି ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି ।

## ସମରାଭ୍ୟାସ

ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ସହ ସମୁଦ୍ର ପଥରେ ସମ୍ଭାବ୍ୟ ଅନୁପ୍ରବେଶକୁ ରୋକିବା ଲକ୍ଷ୍ୟରେ ଗଞ୍ଜାମ ଉପକୂଳରେ ମିଳିତ

ସମରାଭ୍ୟାସ ସାଗର କବଚ  ଆରମ୍ଭ ହୋଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## କ୍ୟାରିଅର ପ୍ରଦର୍ଶନୀ

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୩ରେ ଦୁଇଦିନିଆ କ୍ୟାରିଅର ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କାର୍ଯ୍ୟକ୍ରମରେ ଯୋଗ  ଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଶିକ୍ଷାର ଗୁଣାତ୍ମକ ବିକାଶ ସହ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ ।

## ପାଣିପାଗ

ଥାଇଲାଣ୍ଡର ଉତ୍ତର ଭାଗରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ଶନିବାର ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୩ ତାରିଖ ସୁଦ୍ଧା ଉପକୂଳ ଛୁଇଁବାର ସମ୍ଭାବନାରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।